ସ୍ୱାଗତ

# ଉତ୍କଳ ସମ୍ମିଳନୀ

ଏକାଦଶ ବାର୍ଷିକ ଅଧିବେଶନ ।

ସ ମ୍ବ ଲ ପୁ ର

ସଃ ୧୩୨୩ ଖ୍ରୀ ୧୯୧୫ ।

ସ୍ଥାନ—"ବୁଢ଼ାରଜା ପ୍ରାନ୍ତର" ।

ଦିନ—ଧନୁ ୧୩—୧୪ ଡିସେମ୍ବର ୨୭—୨୮

ବେଳ—ପୂର୍ବାହ୍ଣ ୧୨ ଦଣ୍ଡ—୧୧ ଘଣ୍ଟା ।

# ମଙ୍ଗଳାରୋପଣ ।

ସମ୍ବଲେଶ୍ୱରୀଙ୍କ ମନ୍ଦିରେ ନିଶାଣ ।
କୋଶଳରେ ହେଲା ଗୋପୂଜାବିଧାନ ॥
ତ୍ରି[illegible]ପାଳକାମଠେ କଲେ ସାଧୁ ଧ୍ୟାନ ।
ବ୍ରହ୍ମେଶ୍ୱରପୀଠେ ଶୁଭ ସ୍ମରଣ ॥
ସୋମନାଥଙ୍କର ଘୋର ଘଣ୍ଟଧ୍ୱନି ।
ସନ୍ୟାସୀ ଡାକିଲେ ଉଚ୍ଚେ ଶୁଭବାଣୀ ।
ଭଦ୍ରୋରସ୍ମ୍ୟ ଘାଟେ ହେଲା ପ୍ରତିଧ୍ୱନି ॥
ପ୍ରହସ୍ତ ସତେ କି ନଦୀ ପାଷାଣ ।୧।

ଡାକିଲେ ଅଲକ୍ଷ୍ୟେ ଦେବ ପିତୃଗଣ ।
ଆସ ଆସ ଉଠ ଉଠ ଶିଶୁଗଣ ॥
ମାତୃଯଜ୍ଞକାର୍ଯ୍ୟ କର ହେ ସାଧନ ।
ସର୍ବଲଭବରେ ମଣ୍ଡପେ ଯାଇ ॥

ପତାକା ଉଡ଼ାଇ ହେଲେ ଧାବମାନ ।
ଠାନୀ ଆଗନ୍ତୁକ ଉତ୍କଳ-ସନ୍ତାନ ॥
ଉତ୍କ[illegible] ଦେଖିଲା ମାତୃପୀଠ ସ୍ଥାନ ।
ଉଲ୍ଲାସେ ନାଚିଲେ ସକଳ ହିଅ ।୨।

ଅନ[illegible] ପ୍ରତିନିଧିଗଣ ।
ଆଲିଙ୍ଗ[illegible]ରମରଦନ ।
କଲେ ପରସ୍ପରେ ପ୍ରୀତି ସମ୍ଭାଷଣ ।
ନିସ୍ତାର ତରଙ୍ଗ ଉଠିଲା ଖଣ୍ଡିକି ॥

ହେସ୍ ଯଥାସ୍ଥପ ହେଲେ ସଭାପତି, ।
ଅଉ ଛାତ୍ରମାନେ ବସି ପନ୍ତି ପନ୍ତି ।
ଦେଶର ମଙ୍ଗଳ ମନରେ ଭାବନ୍ତି ।
ଜୟ ଜୟ ଧ୍ୱନି ହେଲା ଉଚ୍ଚରେ ।୩।



## ସଭାଗୃହ ।

ସଭାଗୃହ ଅତି ପ୍ରଶସ୍ତ, ଦୁଇସହସ୍ର ବ୍ୟକ୍ତି ବସିବାର ଉପଯୋଗୀ ସ୍ଥାନ । ନାନାବର୍ଣ୍ଣରେ ଚିତ୍ରିତ ଓ ବଡ଼ ବଡ଼ ଚନ୍ଦ୍ରାତପମାନଙ୍କରେ ସୁଶୋଭିତ । କାଠଖମ୍ବମାନଙ୍କରେ ରଙ୍ଗିନ କାଗଜ ମୋଡ଼ା ହୋଇଥାଇ ଦର୍ଶକ ନେତ୍ରକୁ ଇନ୍ଦ୍ରାସ୍ତମ୍ଭପରି ପ୍ରତୀୟମାନ ହେଉଥିଲା । ସଭାପତିଙ୍କ ନିମନ୍ତେ ଦୁଇହାତ ଉଚ୍ଚରେ କାଷ୍ଠ ନିର୍ମିତ ପିଣ୍ଡି ପ୍ରସ୍ତୁତ ହୋଇ ନାନା କାରୁକାର୍ଯ୍ୟରେ ମଣ୍ଡିତ ଥିଲା । କେତେ ଶୁକ, ସାରୀ ଓ ବହୁବର୍ଣ୍ଣଯୁକ୍ତ ପକ୍ଷୀ ବସି ଶୁଭସୂଚନା କରୁଥିଲେ । ଏମନ୍ତ ଏ ତାହା ଦେଖି ଆରଣ୍ୟକ ଲୋକେ ଚକିତ ହେଉଥିଲେ । ସଭାଗୃହର ଦ୍ୱାର ଉପରେ ସ୍ୱାଗତ ଲେଖା ହୋଇ ନାନାସ୍ଥାନରେ ସ୍ତମ୍ଭମାନଙ୍କରେ ସ୍ୱଦେଶୀ ...ଙ୍କର ଉପଦେଶସୂଚକ ବାକ୍ୟମାନ ବୋର୍ଡକାଗଜରେ ବଡ଼ ବଡ଼ ଅକ୍ଷରରେ ଲିଖିତ ହୋଇ ଟଙ୍ଗା ଯାଇଥିଲା । ଛାତ୍ରମାନେ ତାହା ପାଠକରି ଆନନ୍ଦିତ ଓ ଉତ୍ସାହିତ ହେଉଥିଲେ । ତହିଁମଧ୍ୟରୁ କେତେଗୁଡ଼ିଏ ବାକ୍ୟ ନିମ୍ନରେ ପ୍ରଦର୍ଶିତ ହେଲା ।



୧—ଶରୀରଂ [illegible] ପାତୟେତ୍ । କାର୍ଯ୍ୟଂ ବା ସାଧୟେତ୍ ।

୨—ଉତ୍କଳର ସୁତା ସୁତା । [illegible] କର ଦେଶ ହିତ ।

୩—ନଯୁନ୍ନ କରନ୍ତୁ [illegible] ।

୪—କର୍ମେ ମାନ । ମାନେ ପ୍ରାଣ ।

୫—କୋଣାର୍କ ଭୁବନେଶ୍ୱର । ସୁଷମା ଦେଖ ନେତ୍ରରେ ।

୬—ଉତ୍କଳ ସମ୍ମିଳନୀ । ଅଟେ ମଙ୍ଗଳ ସାଧନୀ ॥

୭—ମାତୃଭାଷା ମାତୃଭୂମି । ଅଟନ୍ତି ଦୁହେଁ ଜନନୀ ॥

୮—ଆଳସ କବଳେ ପଡ଼ି । ଯାଉଛ ରେ ସବୁ ବୁଡ଼ି ॥

୯—ଦେଶ-ସେବା ମହାଧର୍ମ । ତାହା ଜାଣି କର କର୍ମ ॥

୧୦—ହୁଦି ମନ ଦୃଢ଼କର । ପ୍ରକୃତ ସାହସ ଧର ॥

୧୧—ଉତ୍କଳାଙ୍ଗ ମାତା ଭାଇ । ଉଠିବାକୁ ଶକ୍ତି ନାହିଁ ॥

୧୨—ଦେଖ ସାବଧାନେ ଜ୍ଞାନ ନେତ୍ର ଫେଇ ।

ଭୂମି ମଧ୍ୟେ ସାନ ବଡ଼ ନାହିଁ କେହି ॥

୧୩—ପୂତ କର ପ୍ରାଣ ମନ । ଲଭ ହେ ଗୌରବ ଧନ ॥

୧୪—ଉଠ ନିଦ୍ରା ପରିହରି । ଯାଉଛି ରେ ଧନ ସରି ॥

୧୫—ମନର ସାଧନ ଅବା ଶରୀର ପାତନ ।

୧୬—ଭାଇ ଭଣ୍ଡି ଚପି ନ ନିଅ ଧନ ।

ଏଥିରେ ଦେଶର ହେବ ଉତ୍ଥାନ ॥

୧୭—ବହୁ ନାରୀ ଶିକ୍ଷା । କର ଜାତି ରକ୍ଷା ॥

୧୮—କୃଷକ ଚିର ଧନ । ନ ଯାଏ ସମାନ ॥

୧୯—କର ଯତ୍ନ ସର୍ବେ ମିଳି । ଶୁଦ୍ଧ ହେଉ ମାତା ଶିଳ୍ପ ॥

୨୦—ଦେଖ ଏ ନବୀନ ଯୁଗେ । ଦୀପ୍ତି ରାଜଇ ଚୌଦିଗେ ।

୨୧—ଜାଗି ଜାଗ ଜାଗ ଜାଗ ଜନ୍ମଭୂମି ସେବାହେତୁ ।

୨୨—ଦେଖ ଆଜ ନବଯୁଗେ । ଉଠ ସର୍ବେ କର୍ମ ଯୋଗେ ।

ଦେଖି ଏହି କାଳ ଭାବ । ଦେଖାଅ ନିଜ ପ୍ରଭାବ ॥

୨୩—ନା [illegible] ବଢ଼ୁଛି । ନାହିଁ ଗୌରବ ଯାଉଛି ॥

୨୪—ମୋହ ଅନ୍ଧକାରେ ପଡ଼ି । ନ ଯାଅ ହେ ପଥ ଛାଡ଼ି ॥

୨୫—କର୍ମ କର କର୍ମ କର । ଜନନୀର ଦୁଃଖ ହର ।

୨୬—ସ୍ୱଦେଶ ହିତ ସାଧନ । ଅଟଇ ପରମ [illegible]

୨୭—ମା ସମ୍ଲେଶ୍ୱରୀ ସିଂହବାହନ ।
ସର୍ବଶକ୍ତିଦାୟିନୀ ମାତଃ ଶିବପ୍ରିୟେ ।
ତୁମ୍ଭର ଶକ୍ତ୍ୟାଂଶଜାତ ଅମ୍ଭେ ଉତ୍କଳୀୟ—
ସନ୍ତାନ ତୁମ୍ଭର ମନ୍ଦିରରେ ଆସୀନ ।
ପ୍ରାର୍ଥନା କରୁଁ—ଶୁଣ ମାତଃ ।
ଉତ୍କଳରେ ପ୍ରକାଶ ହୁଅ ॥

୨୮—କର୍ମ କର କର୍ମବୀର । ଜନନୀର ଦୁଃଖହର ॥

୨୯—ଦେଖୁନାହିଁ କି ହେ ମନେ ବହି ଲାଜ ।
କି ଥିଲା ଏ ରାଜ୍ୟ କି ହୋଇଛି ଆଜ ॥

୩୦—ନାଶର ଧନ ଧାନ୍ୟ । ପୂଜ ହେ ବଦ୍ୟମାନେ ॥

୩୧—ହତାହତ ମୂଳ ଜ୍ଞାନ । ଅନୁଜ୍ଞା ପକ୍ଷେ ସ୍ୱପନ ॥

୩୨—ମିଳିଲେ ସକଳ ଭାଇ । ମା ଦୁଃଖ ରହିବନାହିଁ ॥

୩୩—ନିଜ ପଥେ ବାଧା ବିଘ୍ନ ଅତିକ୍ରମ ।
କରିବାର ସିନା ପ୍ରେମର ଧରମ ॥

୩୪—ଆସ ଆସ ଭାଇ ସରବେ ଉତ୍କଳ !
ଦେଶସେବା ପୂଜା କରିବା ଯେ ମିଳି ॥

୩୫—ଆସ ଆସ ଆସ ଭାଇ । ଆଶାର ସଙ୍ଗୀତ ଗାଇ ॥

୩୬—ଆଗେ ଚାଲ ଆଗେ ଚାଲ । ଥାଉଁ ଥାଉଁ ସମ୍ଭାଳ ॥

୩୭—ଆଶାର ଝଟିକ ହୋଇଅଛି ସାର
ଭଣ୍ଡାର ବଜା ପାଉଛି ପ୍ରଚାର ॥

୩୮—ଉତ୍କଳ ଜନନୀ ରହୁଛନ୍ତି [illegible]
ପାଳ ହେ କର୍ତ୍ତବ୍ୟ [illegible] ପାଇଁ ॥

୩୯—ସର୍ବେ ଲଗାଇଲେ ମନ । ଦେଶର ହେବ କଲ୍ୟାଣ ॥

୪୦—ଏକତାର ଗୁଣ ଅଟଇ ମହାନ ॥

୪୧—ଅହମିକା ବାୟୁ ଗ୍ରସ୍ତହୋଇ ବ୍ୟସ୍ତେ ।
ମୁଁ ମୁଁ କରି ଅନ୍ଧା ମରନ୍ତି ସମସ୍ତେ ॥
୪୨—ହେ ଉତ୍କଳ ଯୋଗ୍ୟପୁତ୍ର । କର ମାତୃଭୂମିହିତ ॥
୪୩—ମଣ ସବୁ ସୁତା ସୂତେ । ପୁଷ୍ପ ବେନ ଏକ ବୃନ୍ତେ ॥
୪୪—ମିଳଣ କାର୍ଯ୍ୟ କର ଭାଇ । ସହାୟ ହେବେ ସମ୍ପାଇ ॥
୪୫—ଦେଶ ଆଜ ନବଯୁଗେ । ରତ ସର୍ବେ କର୍ମଯୋଗେ ॥
୪୬—କାହିଁ ପୂର୍ବ ଧନ । କାହିଁ ପୂର୍ବ ପୁଣ୍ୟ ॥
୪୭—କହୁଁ ଉଠ ମୁଣ୍ଡ ଟେକ ॥
୪୮—ମନ ଥିଲେ ବାଟ ଅଛି । ଅସମ୍ଭବ ନୁହେ କିଛି ॥
୪୯—ସଦା ଚିନ୍ତ ଦେଶ ହିତ । ଦୁଃଖ ଘୁଞ୍ଚିବ ତୁରିତ ॥
୫୦—ନ ଦେଇ ଦୋଷ ଈଶ୍ୱରେ । ପଶ ହେ କର୍ମକ୍ଷେତ୍ରରେ ॥
୫୧—ଜୀବନ ଥିବାଯାଏ ଭାଇ । ଜନ୍ମଭୂମିରେ ଥାଅ ରହି ॥
୫୨—ଧନ ଯାଏ । ଚିହ୍ନ ଥାଏ ॥
୫୩—ନ କର ଆଳସ୍ୟ । ନ ହୁଅ ହତାଶ ॥
୫୪—ଉଠ ହେ ଉଠ ବନ୍ଧନ । କର କଲ୍ୟାଣ ସାଧନ ॥
୫୫—ଅର୍ଜନ କର ଆର୍ଯ୍ୟହୁଅ । ଜଗତରେ ପୂଜା ପାଅ ॥
୫୬—ଧନ ଯେବେ ଅଛି ହାତେ । ଦାନକର ଦେଶହିତେ ॥
୫୭—ଉଠ ଉଠ ବେଗକର । ବୃଥା ଚିନ୍ତା ପରିହର ॥
୫୮—ପରାଏ ଉତ୍କଳକ୍ଷେତ୍ର । ପୁଣ୍ୟଶିଳ୍ପ ବଚନ ॥
୫୯—କଙ୍କାଳ ଏ ଦେଶ । ହୋଇଅଛି କିସ ॥
୬୦—କିପାଁ ଦୁଃଖେ ମଗ୍ନ । ଉତ୍କଳ ସନ୍ତାନ ॥
୬୧—ଦେଶୋଦ୍ଧାରେ ଅକ୍ଷମ ଯେହୁ । ମନୁଷ୍ୟରେ ଗଣ୍ୟ ସେହୁ ॥
୬୨—ଯତୋଧର୍ମ ସ୍ତତୋ ଜୟଃ । କୀର୍ତ୍ତିର୍ଯସ୍ୟ ସ ଜୀବତି ॥
୬୩—ସ୍ମରହେ ପୂର୍ବ ଗୌରବ । ସ୍ମର ହେ ପୂର୍ବ ଗୌରବ ॥
୬୪—ଉଠ ମନ ଦୃଢ଼କର । ପ୍ରକୃତ ସାହସ ଧର ॥

୬୫—କାନ୍ଦଣା ଡାକନ୍ତି ମାତା । ଜାଗ ମୋର ସୁତ ସୁତା ॥

୬୬—ଢେଢେଙ୍କାଳ ଆଉ ରହିଥିବ ପଡ଼ି ।
ପ୍ରକୃତ ଉନ୍ନତି ମାର୍ଗକୁ ଯେ ଛାଡ଼ି ॥

୬୭—ଭାଇ ଭାଇ ହୋଇ ଏକ । କର ମାତା ନାମ ଟେକ ॥

୬୮—ଧନ ଜନ ଗୋପଲକ୍ଷ୍ମୀ । ଉନ୍ନତି ପ୍ରଧାନ ସାକ୍ଷୀ ॥

୬୯—ଶ୍ରୀରୁ ନାମ ଯେନ୍ତୁ ବଦନ୍ତି ସ୍ୱଭାବେ ।
ସାର ହୁଅନ୍ତି ସେ ପ୍ରେମର ପ୍ରଭାବେ ॥

୭୦—କରୁଛନ୍ତି ଲୋକେ ଉପାଧି ଅଶାନ୍ତେ ।
ମନୁଷ୍ୟର ପୂଜା ଷୋଡ଼ଶୋପଚାରେ ॥

୭୧—ଏ ଯେ ଭୂମି ଦେଶ । କୀର୍ତ୍ତିରେ ଅଶେଷ ॥

୭୨—ଦେଶର ଏ ହୀନ ଦଶା । ନାଶଇ ଦେଶ ଭରସା ॥

୭୩—ମା ସମ୍ପଦେ ମୋ ସମ୍ପଦ । ମା ବିପଦେ ମୋ ବିପଦ ॥

୭୪—ରଖ ଜାତି ଠାଣ । ସାର୍ଥ କର ପ୍ରାଣ ॥

୭୫—ପୂର୍ବ ଗୌରବର କଥା । ନ ଠାଳଇ କାହା ମଥା ॥

୭୬—ଅନ୍ନ ଜଳ ସ୍ୱଦେଶେ ରଖ । ବଢ଼ିବ ରେ ଭାଇ ଭେଷ

୭୭—କୃଷି ବାଣିଜ୍ୟରେ ମନ । ଦେଇ ଭାଙ୍ଗି ଦୁଃଖ ମାନ ॥

୭୮—ସାହିତ୍ୟ ଉନ୍ନତି—ପଥ । କର ହେ ଭାଇ ପ୍ରଶସ୍ତ ॥

୭୯—ପୁରାତନ ଗ୍ରନ୍ଥମାନ । ଛପି କର ସୁଚରଣ ॥

୮୦—ଦେବାଳୟ ସରୋବର । ଚଞ୍ଚଳ ସଂସ୍କାର କର ॥

୮୧—ଦେଖାଇ ଶିଳ୍ପ ଚାତୁରୀ । ନିଅ ବେଗେ ବାହାଦୁରୀ ॥

୮୨—ଶ୍ରୀଜଗନ୍ନାଥ ଦୟା ଧର । ଏଣୁ ସଭିଙ୍କି ରକ୍ଷା କର ॥

୮୩—ସତ୍ୟବାଦୀର ଭାଇଗଣେ
ସାକ୍ଷୀଗୋପାଳ ରଖ ପ୍ରାଣେ ॥

୮୪—ତାଙ୍କ ତାରିଣୀ ଗୃହେ ଥିବେ ।
ମଙ୍ଗଳା ଭାଇଙ୍କି ରଖିବେ ॥

୮୫—ବାଲେଶ୍ୱରର ଗୋପୀନାଥେ । ରକ୍ଷିବ ଭାଇଙ୍କର ମାଥେ ॥

୮୬—କଟକ କାଳୀ ଠାକୁରାଣୀ । ଚଣ୍ଡୀ ରଖନ୍ତୁ ସର୍ବ ପ୍ରାଣୀ ॥

୮୭—ହେ ପ୍ରଭୋ ଶ୍ରୀଚନ୍ଦ୍ରଶେଖର । ଗଡ଼ଜାତଙ୍କି ରକ୍ଷାକର ॥

୮୮—ଢାଙ୍କି ଚର୍ଚ୍ଚିକା ଦେଖୁଥିବେ । ସର୍ବ ବିପଦ ସଂହାରିବେ ॥

୮୯—ଉଦରଖରଂ ଭଦ୍ରକାଳୀ । ଦଅ ମା ତାଙ୍କୁ ଢାଲ ॥

୯୦—ସାରଳା ଦେବୀ ଭଗବତୀ । ତାପ ନାଶନେ ଦେବ ଶକ୍ତି ॥

୯୧—କାକଟପୁରର ମଙ୍ଗଳା । ସଭାରେ କରିବ ଶୃଙ୍ଖଳା ॥

୯୨—ରଣ ଗୋମାତ ସମ୍ବଲାଇ । ସହଜେ ଏ କାର୍ଯ୍ୟ ସଧାଇ ॥

୯୩—ହେ ଦେବଦେବ ଲିଙ୍ଗରାଜ । ଲାଜ ଏଡ଼ାଇ ସାଧ କାର୍ଯ୍ୟ ॥

---

## ପ୍ରତିନିଧିମାନଙ୍କର ଅଭ୍ୟର୍ଥନା ।

ସମ୍ବଲପୁର ଭାଇମାନେ ଆଗନ୍ତୁକ ପ୍ରତିନିଧିମାନଙ୍କୁ ରେଲଷ୍ଟେସନ-ଠାରୁ ଗାଡ଼ି କରାଇ ନେଇ ଯାଇଥିଲେ । ସେମାନଙ୍କ ପାଇଁ କେରୁଆପଡ଼ା, ମୁଦିପଡ଼ା ଓ ଅନ୍ୟାନ୍ୟ ସ୍ଥାନରେ ବଡ଼ ବଡ଼ ବଙ୍ଗଳାମାନ ବସାଘର କରାଇ ଦେଇଥିଲେ । ଏମନ୍ତ କି ବାବୁ ରାମନାରାୟଣ ମିଶ୍ର ଆପଣା ବସୁବାସ ଦ୍ୱିତଳଭବନ ଛାଡ଼ି ଦେଇଥିଲେ, ଖାଦ୍ୟ ସାମଗ୍ରୀର ସୁବନ୍ଦୋବସ୍ତ କରାଇଥିଲେ, ସମଲେଶ୍ୱରୀଙ୍କ ପ୍ରସାଦ ଦେଇଥିଲେ । ସ୍ୱେଚ୍ଛା ସେବକମାନେ ପ୍ରତିନିଧିଙ୍କ ନିକଟରେ ରହି ସକଳ ତତ୍ତ୍ୱ ବୁଝୁଥିଲେ ସେମାନଙ୍କ ଭଲବା କାର୍ଯ୍ୟ ସର୍ବାଙ୍ଗ ସୁନ୍ଦର ହୋଇଥିଲା । ପ୍ରତିନିଧିମାନଙ୍କୁ ସଭାରେ ଉପସ୍ଥିତ ହେବାପାଇଁ ଏକ ଏକ କାର୍ଡ଼ ଦିଆ ଯାଇଥିଲା । ତହିଁରେ ଏହି କଥା ଲେଖା ଥିଲା ।

—o—

ସ୍ୱାଗତ

# ଉତ୍କଳ ସମ୍ମିଳନୀ

ଏକାଦଶ ବାର୍ଷିକ ଅଧିବେଶନ ।

ସମ୍ବଲପୁର

ସ: ୧୩୨୩ ଖ୍ରୀ ୧୯୧୫ ।

ସ୍ଥାନ—"ବୁଢ଼ାରଜା ପ୍ରାନ୍ତର" ।

ଦିନ—ଧନୁ ୧୩—୧୪ ଡିସେମ୍ବର ୨୭—୨୮

ବେଳ—ପୂର୍ବାହ୍ନ ୧୨ ଦଣ୍ଡ—୧୧ ଘଣ୍ଟା ।

ସଭା—୨୭ । ୧୨ । ୧୫

ସିଂହଭୂମ ଜିଲ୍ଲା ଖରସୁଆଁ ରାଜ୍ୟର ନୃପତି ଶ୍ରୀ ଲକ୍ଷ୍ମୀନାରାୟଣ ସିଂହ ଦେଓ ସଭାପତି ଆସନ ଗ୍ରହଣ କଲେ । ଚତୁର୍ଦ୍ଦିଗରେ ଜୟ ଜୟ ଧ୍ୱନି ଉଠିଲା ।

ବାଦ୍ୟ ଓ ସଙ୍ଗୀତ ପରେ ସମ୍ମିଳନୀ ମଣ୍ଡପରେ ଉତ୍ଥାପିତ ନିର୍ଦ୍ଧାରଣମାନ ଧାର୍ଯ୍ୟ ହେଲା ।

ପ୍ରଥମ ନିର୍ଦ୍ଧାରଣ—ମହାମହିମ ସମ୍ରାଟଙ୍କର ମହାସମରରେ ଜୟ କାମନା ।

ଦ୍ୱିତୀୟ ନିର୍ଦ୍ଧାରଣ—ଗୋପାଳକୃଷ୍ଣ ଗୋଖେଲ୍ । ସରପିରୋଜସାହା ମେହତା ଓ ହେନେଶ୍ୱ କଟକନଙ୍କର ଏବଂ ବାବୁ ଗୋକୁଳାନନ୍ଦ ଚୌଧୁରୀଙ୍କର ଅକାଳମୃତ୍ୟୁ ନିମିତ୍ତ ଶୋକ ପ୍ରକାଶ ।

ତୃତୀୟ ନିର୍ଦ୍ଧାରଣ—ଖୋର୍ଦ୍ଧାରୋଡ଼ଠାରୁ ସମ୍ବଲପୁର ପର୍ଯ୍ୟନ୍ତ ସ୍ୱତନ୍ତ୍ର ରେଲରାସ୍ତା ପ୍ରସ୍ତୁତ କରଣ ।

୨୮ । ୧୨ । ୧୫

ଚତୁର୍ଥ ନିର୍ଦ୍ଧାରଣ—ଓଡ଼ିଆଭାଷୀ ସମସ୍ତ ରାଜ୍ୟମାନ ଏକ ଶାସନାଧୀନ ନ ହେଲେ ଓଡ଼ିଆ ଜାତିର ପ୍ରକୃତ ଉନ୍ନତି ହେବନାହିଁ ।

ପଞ୍ଚମ ନିର୍ଦ୍ଧାରଣ—ସମଗ୍ର ଓଡ଼ିଆ ଭାଷୀମାନଙ୍କ ନିମନ୍ତେ ଏକ ବିଶ୍ୱବିଦ୍ୟାଳୟର ଆବଶ୍ୟକ ।

ଷଷ୍ଠ ନିର୍ଦ୍ଧାରଣ—ସିଂହଭୂମ, ଫୁଲଝର, ଚନ୍ଦ୍ରପୁର, ପଦ୍ମପୁର ପ୍ରଭୃତି ଓଡ଼ିଆ ଅଞ୍ଚଳରେ ଓଡ଼ିଆ କଚେରି ଭାଷା ହେବା; ଏବଂ ଓଡ଼ିଆ ଶିକ୍ଷାର ବହୁଳ ବ୍ୟବସ୍ଥା ହେବାର ପ୍ରୟୋଜନ ।

ସପ୍ତମ ନିର୍ଦ୍ଧାରଣ—ଉତ୍କଳୀୟମାନଙ୍କର ଅଭାବମାନ ସରକାରଙ୍କୁ ଗୋଚର କରାଇବା ଲାଗି ବ୍ୟବସ୍ଥାପକସଭାରେ ଜଣେ ଉତ୍କଳୀୟ ସଦସ୍ୟ ନିର୍ବାଚନ ।

ଅଷ୍ଟମ ନିର୍ଦ୍ଧାରଣ—କଟକରେ ଗୋଟିଏ ଇଂଜିନିୟରିଂ ସ୍କୁଲ ସ୍ଥାପନ ।

ନବମ ନିର୍ଦ୍ଧାରଣ—ଓଡ଼ିଆଭାଷୀ ଛାତ୍ରମାନଙ୍କ ସୁବିଧା ନିମନ୍ତେ କଟକ ରେଭେନ୍ସା କଲେଜ ବି ଏଲ କ୍ଲାସ ଖୋଲାଯିବା ପ୍ରୟୋଜନ ।

ଦଶମ ନିର୍ଦ୍ଧାରଣ—ଆନ୍ଦୋଳନୀ ବର୍ଦ୍ଧନମନ୍ତେ ସମ୍ବଲପୁରରେ କାର୍ଯ୍ୟ ନିର୍ବାହକା ସମିତି ଗଠନ ।

ଏକାଦଶ ନିର୍ଦ୍ଧାରଣ—ପ୍ରାୟ ପଞ୍ଚାଶବର୍ଷକାଳ ଏକାଦିକ୍ରମେ ଉତ୍କଳ ଦୀପିକାର ସମ୍ପାଦନ କାର୍ଯ୍ୟ ଦକ୍ଷତାର ସହିତ କରିଥିବା ଯୋଗୁଁ ବାବୁ ଶ୍ରୀ ଗୌରୀଶଙ୍କର ରାୟଙ୍କୁ ଧନ୍ୟବାଦ ପ୍ରଦାନ ।

ଦ୍ୱାଦଶ ନିର୍ଦ୍ଧାରଣ—ସମ୍ମିଳନୀରେ ସର୍କାରି କର୍ମଚାରୀମାନେ ଓ ଛାତ୍ରମାନେ ଦର୍ଶକ ଭାବରେ ଯୋଗ ଦେବାକୁ ଅନୁମତି ଦେଇ ଥିବାରୁ ମାନନୀୟ କମିସନର ମି: ଗ୍ରୁନିଂ ସାହେବଙ୍କୁ ଧନ୍ୟବାଦ ପ୍ରଦାନ ।

ତ୍ରୟୋଦଶ ନିର୍ଦ୍ଧାରଣ—ସ୍ଥାନୀୟ ଛାତ୍ରମାନେ କଷ୍ଟ ସହି ସ୍ୱେଚ୍ଛାସେବକ କାର୍ଯ୍ୟ କରି ଥିବାରୁ ତାହାଙ୍କୁ ଧନ୍ୟବାଦ ପ୍ରଦାନ ।

ଚତୁର୍ଦ୍ଦଶ ନିର୍ଦ୍ଧାରଣ—ସଭାପତିଙ୍କୁ ଧନ୍ୟବାଦ ।

---

ସମ୍ମିଳନୀ ମଣ୍ଡପରେ ଅନେକ ଭଦ୍ରବ୍ୟକ୍ତି ପୁସ୍ତକ ବଣ୍ଟନ କରିଥିଲେ, ତ୍ୟାଗ ସ୍ୱୀକାର କରି ଏତେ ପୁସ୍ତକ ଦାନ ଏହିଠାରେ ଦେଖାଗଲା ।

| ପୁସ୍ତକର ନାମ | ଦାତାଙ୍କ ନାମ |
|---|---|
| ୧—ସଟୀକ ଏକାଦଶସ୍କନ୍ଧ | ପଣ୍ଡିତ ଶ୍ରୀ ଧରଣୀଧର ମିଶ୍ର ବାନପ୍ରସ୍ଥ |
| ୨—,, ତତ୍ତ୍ୱବୋଧ | ,, |
| ୩—,, ଅମୃତବୋଧ | ,, |
| ୪—ଧର୍ମ୍ମ ... | ପଣ୍ଡିତ ଶ୍ରୀ କମଳେଶ୍ୱର ନନ୍ଦ |
| ୫—ଉତ୍ସାହ | ଶ୍ରୀ ରାମଚନ୍ଦ୍ର ଆଚାର୍ଯ୍ୟ |
| ୬—ସମ୍ମିଳନୀ ... | ଶ୍ରୀ ଶଶୀ ଭୂଷଣ ରଥ |
| ୭—ପାଠନା ଦର୍ଶନ ... | ଶ୍ରୀ ଭାଗୀରଥି ବିଦ୍ୟାଳଙ୍କାର |
| ୮—ସମ୍ମିଳନୀ ମାହାତ୍ମ୍ୟ ... | ... ଶ୍ରୀ ଶୀବସୁନ୍ଦର ପଣ୍ଡା |
| ୯—ମୁଷ୍ଟି ଭିକ୍ଷାର କର୍ମାବଳୀ | ପଣ୍ଡିତ ଶ୍ରୀ ବାସୁଦେବ ଗୁରୁ |
| ୧୦—ଭଜନ ମାଳା ... | ଶ୍ରୀ ସର୍ବେଶ୍ୱର ସିଂହ ମାଫିଦାର |
| ୧୧—ଗୃହସ୍ଥ ଧର୍ମ ଉପଦେଶ ... | ,, |
| ୧୨—ଗୋ ମାହାତ୍ମ୍ୟ ... | ଶ୍ରୀସ୍ୱ ସିଦ୍ଧେଶ୍ୱର ଶ୍ରୀ ଭୁବନେଶ ବହାଦୂର |
| ୧୩—ନୃସିଂହ ମାହାତ୍ମ୍ୟ ... | ,, |
| ୧୪—ଜାତୀୟ ଗୀତ ... | ଶ୍ରୀ ବ୍ରଜସୁନ୍ଦର ଦାସ । ( ଏଥିରେ ମଧୁବାବୁଙ୍କର ସ୍ୱଦେଶ ଅନୁରାଗ ପୂର୍ଣ୍ଣ ମାତ୍ରାରେ ପ୍ରକାଶିତ ) । |

ଏପର ପାଚଲା ସମ୍ମିଳନୀ ନାମକ ପୁସ୍ତକ ଅନେକ ପରିମାଣରେ ସଭାରେ ଓ ଅନ୍ୟସ୍ଥାନରେ ବଣ୍ଟନ ହୋଇଥିଲା ।

| | |
|---|---|
| ବାବୁ ଶ୍ରୀ ମଧୁସୂଦନ ଦାସଙ୍କ ପକ୍ଷରୁ | ଖ ୫୦୦ ଣ୍ଡ |
| „ ଶ୍ରୀ ବ୍ରଜସୁନ୍ଦର ଦାସ ... | ଖ ୧୦୦ ଣ୍ଡ |
| ପଣ୍ଡିତ ଶ୍ରୀ ଗୋବିନ୍ଦ ରଥ | ଖ ୧୦୦ ଣ୍ଡ |
| ବାବୁ ଶ୍ରୀ କଲ୍ପତରୁ ଦାସ ଓକିଲ | ଖ ୫୦ ଣ୍ଡ |
| „ ଶ୍ରୀ ରାମଶଙ୍କର ରାୟ ଓକିଲ | ଖ ୫୦ ଣ୍ଡ |
| ସମ୍ବଲପୁରରେ ଜଣେ ମହାତ୍ମା— | |
| „ ଶ୍ରୀ ବେମ୍ବାଧର ମିଶ୍ରଙ୍କ ଦ୍ୱାରା ନେଇଥିଲେ | ଖ ୫୦ ଣ୍ଡ |
| ମୋଟ | ଖ ୮୫୦ ଣ୍ଡ |

ଏ ପୁସ୍ତକ ସମ୍ବଲପୁର ଇଲାକା ଅନେକ ଗଡ଼ଜାତରେ ଏବଂ ଗଞ୍ଜାମ ଜିଲ୍ଲାର ନାନାସ୍ଥାନରେ ଓ ପୁରୀ; କଟକ; ବାଲେଶ୍ୱର, ମେଦିନୀପୁର, ଅଞ୍ଚଳରେ ପ୍ରଚାରିତ ହୋଇଅଛି—ଏହାଦ୍ୱାରା ସମ୍ମିଳନୀ କଥା ବହୁତ ଲୋକେ ଜାଣି ଅଛନ୍ତି ।

— ୦ ❋ ୦ —

ସମ୍ମିଳନୀ ମଣ୍ଡପରେ ନିମ୍ନଲିଖିତ ବ୍ୟକ୍ତିମାନଙ୍କର ଲିଖିତ ପଦ୍ୟ ବିତରିତ ଓ ପଠିତ ହୋଇଥିଲା ।

| | |
|---|---|
| ୧—ଉଦ୍ବୋଧନ | ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର |
| ୨—ଉଦ୍ବୋଧନ ସଙ୍ଗୀତ | ଶ୍ରୀ ଚିନ୍ତାମଣି ମହାନ୍ତି । |
| ୩—ଭାରତଗୀତିକା | ସ୍ୱର୍ଗୀୟ କବିବର ରାୟ ରାଧାନାଥ-ରାୟ ବାହାଦୁର । |
| ୪—ଜାତୀୟସଙ୍ଗୀତ | ଶ୍ରୀ ମଧୁସୂଦନ ଦାସ । |
| ୫—ଉଦ୍ବୋଧନ | ଶ୍ରୀ ଗଙ୍ଗାଧର ମେହେର । |
| ୬—ମାତୃପୂଜା | ଶ୍ରୀ ଦାମୋଦର ପଟ୍ଟନାୟକ । |
| ୭—ଜାତୀୟସଙ୍ଗୀତ | ଶ୍ରୀମତୀ ଅନ୍ନପୂର୍ଣ୍ଣା । |

—o:o—

ସ୍ୱଦେଶ ଉନ୍ନତିକଳ୍ପେ ବକ୍ତୃତା ।

ବାବୁ ଶ୍ରୀ ଗୋପବନ୍ଧୁ ଦାସ ।
„ ଶ୍ରୀ ବ୍ରଜସୁନ୍ଦର ଦାସ ।
„ ଶ୍ରୀ ରାମକୃଷ୍ଣ ପଟ୍ଟନାୟକ ।
„ ଶ୍ରୀ ବିଶ୍ୱନାଥ ମିଶ୍ର ।
„ ଶ୍ରୀ ହନୁମନ୍ତ ରାଓ ପଟ୍ଟନାୟକ ।
ମହନ୍ତ ଶ୍ରୀ ବଳରାମ ଦାସ ।

ଲ୍ୟୁ ସାହେବ ଶ୍ରୀ ଭୁବନେଶ୍ୱର ବହଦାର ଓ ଅଉ କେହି୨ ତେଜସ୍ୱିନୀ ବକ୍ତୃତା କରିଥିଲେ । ଗୋପବନ୍ଧୁ ସଭାଭୂମିରେ ଓଡ଼ିଆ ଭାଷାର ଉନ୍ନତି ନିମିତ୍ତ ଗୃହମାସ କାଳ କଟାଇବେ ବୋଲି ପ୍ରତିଜ୍ଞା କରିଥିଲେ । ଭୁବନେଶ୍ୱରଙ୍କ ବକ୍ତୃତାରେ ବଡ଼ ଉଚ୍ଛ୍ୱାସ ଉଠିଥିଲା । ସେ କହିଥିଲେ—

ତରବାରୀରେ ମୋର ଭର ।
ମୂଲ୍ୟ କ ଭୂଷଣ ତାହାର ॥

ଇଂରାଜୀରେ କେତେକ ବ୍ୟକ୍ତି ବକ୍ତୃତା ଦେଇଥିଲେ ତାହା ସଭା-ପତିଙ୍କି ସମ୍ଝାଇ ଦିଆଯାଇ ନ ଯିବା କଥା କେହି୨ ବାହୁଥିଲେ । ଗଞ୍ଜାମ ଜିଲ୍ଲାର ଡେଙ୍ଗାପଦର ଗ୍ରାମ ନିବାସୀ ବାବୁ ମଦନମୋହନ ରଥ ଇଂରାଜୀରେ ଯେଉଁ ଦୀର୍ଘ ବକ୍ତୃତା ଦେଇଥିଲେ ତାହା ଶୁଣି ଲୋକେ ଆଶ୍ଚର୍ଯ୍ୟ ହୋଇ ଭାବୁଥିଲେ ଏହାଙ୍କର ରାଜଭାଷାରେ ଏତେବଡ଼ କ୍ଷମତା, ଓଡ଼ିଆ ଭାଷାରେ କେଜାଣି କେତେବଡ଼ ଶକ୍ତି ଥିବ ।

— — —

ଶ୍ରୀ ଗୌରୀଶଙ୍କର ରାୟ ।

ବାବୁ ଶ୍ରୀ ଗୌରୀଶଙ୍କର ରାୟ ସଭା ମଣ୍ଡପରେ ଦଣ୍ଡାୟମାନ ହୋଇ ବନୀତଭାବରେ କହିଥିଲେ । ଆମ୍ଭମାନଙ୍କ ପୂର୍ବ ପୁରୁଷମାନେ ବହୁକାଳ ପୂର୍ବେ ଏଦେଶକୁ ଆସିଥିଲେ ଆମ୍ଭମାନଙ୍କର ଏହି ଦେଶରେ ଜନ୍ମ, ବର୍ତ୍ତମାନ ଆମ୍ଭେମାନେ ଏଠାର ବାସିନ୍ଦା ଅଛୁ । ଆମ୍ଭମାନଙ୍କୁ କେହି ବୋଲି ଘୃଣା କରିବା ସଙ୍ଗତ ନୁହେ । ସଭାପତି କେହି ନୃପତି ବ୍ୟସ୍ଥିତ ହୋଇ କହିଲେ ନାହିଁ ନାହିଁ ତୁମ୍ଭଙ୍କୁ କେହି ଘୃଣା କରିବେ ନାହିଁ । ଗୌରୀଶଙ୍କର ବାବୁଙ୍କ ମୁଖରୁ ଏହି କଥା ଶ୍ରବଣ କରି, ସମସ୍ତ ଓଡ଼ିଆଙ୍କର ହୃଦୟ ଦ୍ରବୀଭୂତ ଓ ସ୍ନେହ ଭାବ ଉଦିତ ହୋଇ-ଥିଲା ଅନେକେ ଭାବିଥିଲେ ଭାଷାର ଓ ସ୍ୱରଭଙ୍ଗିର କିଛିଏ ପ୍ରଭେଦ ହୋଇପାରେ ଏହା ସ୍ୱାଭାବିକ, ଏହା ବୋଲି କେହି ଭାଷା ବା କେହି ଜାତି ବୋଲି କୌଣସି ସମ୍ପ୍ରଦାୟ ନାହିଁ । ତାହାଙ୍କ ଘୃଣା କରିବେ; ଯେତେବେଳେ ଏ ଦେଶବାସୀ ବଙ୍ଗାଳୀଙ୍କ ମଧ୍ୟରେ ରାଧାନାଥ ଓ ରାମଶଙ୍କରଙ୍କ ପରି ଭଲ ଲେଖକ ଛନ୍ତି ଓଡ଼ିଆ ଭାଷାରେ ଉପାଦେୟ ଗ୍ରନ୍ଥମାନ ଲେଖି ଅଛନ୍ତି ସେତେବେଳେ ତାଙ୍କର ଭାଷା ଜାତି କଦାପି ଘୃଣ୍ୟ ହୋଇ ନ ପାରେ । କ୍ଲବ୍‌ଘରେ ଓଡ଼ିଆ ଶବ୍ଦ ଦିନ ଯେଉଁ ତର୍କ ଉଠିଥିଲା, ସେଥିପାଇଁ ବୋଧହୁଏ ଏ ବାବୁ ଏକଥା ସଭାରେ ପକାଇଲେ [illegible] ବାକ୍ୟ ଗୁଡ଼ିକ ସନ୍ତୋଷପ୍ରଦ ଅଟେ ।

---

ଛାତ୍ରସଭା । ୨୯-୧୨-୧୫

ସମ୍ମିଳନୀ ମଣ୍ଡପରେ ଛାତ୍ରମାନଙ୍କର ଶିକ୍ଷାବିଷୟରେ ଏକ ସଭା ହୋଇଥିଲା । ମାନ୍ୟଗଣ୍ୟ ପାଦ୍ରୀ ଉଇଲକକ୍ସ ସାହେବ ସଭାପତି ହୋଇଥିଲେ । ସେ ସୁନ୍ଦର ବାଙ୍ଗାଳୀ ଲଗାଇ ବଡ଼ ମଧୁର ବକ୍ତୃତା କରିଥିଲେ । ଓଡ଼ିଆ ଜାତିର ଓ ବାଳକମାନଙ୍କର ସୌଜନ୍ୟତାର ପ୍ରଶଂସା କରିଥିଲେ । ସେ କହିଲେ ଆମ୍ଭେ କହିବେ ମୋଟିଏ କଥା

ଶୁଣିଥିଲୁଁ ତାହା ଏହି; ଜଥାନ୍ତେ କହୁଁ ଙ୍କଥିଲ, ଚମଦଉଦ୍ଧରେ ଶୁନ୍ଥିଲି; ଜସକଥା, ପାଣବାରତା, ଏହା ଅମ୍ଭେ ଗଞ୍ଜାମରେ ଅବକଳ ଶୁଣଅଛୁଁ ସମ୍ବଲପୁରରେ ମଧ୍ୟ ସେହିପରି ଶୁଣିଲୁଁ । ମାତ୍ର ବୁଡ଼ାସମ୍ବଳରେ ଶୁଣିଲୁଁ "କସକଥା" ବଦଳରେ କାଣକଥା ଏହିକମାତ୍ର ପ୍ରଭେଦ ମାତ୍ର ସବୁଠାରେ ଏକଭାବ ସେ ଓଡିଆଙ୍କୁ ଭଲ ପାଉଥିବାର ଓ ସେ ନିଜେ ଅପଣାଙ୍କୁ ଜଣେ ଓଡ଼ିଆ ବୋଲି ପରିଚୟ ଦେଇ ଓଡିଆଙ୍କର ଲାଲ ପଗଡ ଗୋଟିଏ ପିନ୍ଧି ବଦାୟ ନେଇ ଚାଲିଗଲେ । ଏଥିର ଅବଶିଷ୍ଟ କାର୍ଯ୍ୟ ବାବୁ ସୁଦାମଚନ୍ଦ୍ର ନାୟକ ସଭାପତିହୋଇ ନିର୍ବାହ କଲେ । ବାବୁ ବୈଦ୍ୟନାଥ ମିଶ୍ର ଓ ବାବୁ ଫକିରମୋହନ ସେନାପତି ବାଳକମାନଙ୍କୁ ମଧୁର ଉପଦେଶ ଦେଇଥିଲେ ।

---

ମଧୁବାବୁ

ମଧୁବାବୁ କଟକରେ ରଥଙ୍କୁ କହିଲେ ଅମ୍ଭେ ସମ୍ବଲପୁର ଯାଇ ପାରିବୁଁ ନାହିଁ । ଏଲାହାବାଦରେ ଖ୍ରୀଷ୍ଟିୟାନମାନଙ୍କର ଏକ ସଭାକୁ ଯିବୁଁ । ରଥେ ତା ୨୫ ରିଖ ଡିସମ୍ବର ( ବଡ଼ଦିନ ) ରେ ସମ୍ବଲପୁରରେ ଉପସ୍ଥିତ ହୋଇ ସେହି ସମ୍ବାଦ ଦେଲେ । ତାହା କ୍ଷଣକ ମଧ୍ୟରେ ନଗରମୟ ବ୍ୟାପି ଗଲା । ସମ୍ମିଳନୀର ଉଦ୍ଯୋଗୀ ବ୍ୟକ୍ତିମାନେ ଦାସଙ୍କ ନିକଟକୁ ଟେଲିଗ୍ରାମ କଲେ । ସେହିପରି ଜବାବ ପାଇଲେ । ମାତ୍ର ସମସ୍ତେ ତାଙ୍କୁ ନେତାକରି ମଣିଥିଲେ । ସେ ସମ୍ମିଳନୀର ସୃଷ୍ଟିକର୍ତ୍ତା । ତାହାଙ୍କ ଅଭାବରେ ଓଡ଼ିଆମାନେ ଯେ କେତେଦୂର ଉଦ୍ବିଗ୍ନ ତାହା ସମ୍ବଲପୁରରେ ଉତ୍ତମ ପରିଚୟ ମିଳିଅଛି । ସେ ଘଟନାକ୍ରମେ ଯାଇ ନ ପାରିଲେ ମଧ୍ୟ ଏ ସଭାରେ ତାଙ୍କର ପ୍ରତି ସହାନୁଭୂତି ଥିଲା ।

ଜଣେ୨ ପୁରୁଣା କାଳଅଲୋକ କହିଲେ ମଧୁବାବୁ ତ ଆମ୍ଭର, ସେ କେଉଁଣେ କାହିଁକି ଯିବେ? ବିଶେଷ ପରିଚୟ ପାଇଲାପରି ବାତ୍ରିତ-

ସ୍ଥବରେ କହିଲେ ତୁମ୍ଭେ ବ୍ରାହ୍ମଣମାନେ ମିଳି ତାଙ୍କୁ ଆମର୍ଥାଡ଼ିଲୁ ଅଣୁନାହିଁ?

ରଥେ କହିଲେ ତାହା ହେବକି? ତାଙ୍କର ସେପରି ଇଚ୍ଛା ଜଣାଗଲେ କେହିହେଁ ମୁକ୍ତିମଣ୍ଡପରେ କଥାଟା ପକାଇ ଦିଅନ୍ତା । ପଞ୍ଚେ ଅଲୋଚନା ହେଲେ ଯାହା ହୁଅନ୍ତା । ଇତ୍ୟାଦି ଅଲ୍ପମିତ ବସ୍ତୁରେଣ ।

---

## ଅଲୋଚନାସଭା ।

ସମ୍ବଲପୁର "କ୍ଲବ୍‌ଘରେ" ଗୋଟିଏ ଅଲୋଚନା ସଭା ହୋଇଥିଲା । ତହିଁରେ ଓଡିଆ ଶବ୍ଦ ଯେନ ଅନେକ ତର୍କ ବିତର୍କ ହେଲା । ବାବୁ ନିମାଇ ଚରଣ ମିତ୍ର ଅଭିମାନ କରି ବାହାରି ଅସିଲେ । ପରିଶେଷରେ "ଉତ୍କଳବାସୀ" ବୋଲି ଏହିଶବ୍ଦ ସ୍ଥିର ହେଲା । ଏହାଦ୍ୱାରା ଏ ଦେଶବାସୀ ବଙ୍ଗାଳୀମାନେ ଓଡିଆ ମଧ୍ୟରେ ଗଣ୍ୟ ହେଲେ ।

---

## ବାବୁ ଶ୍ରୀ ଗଙ୍ଗାଧର ମେହେର ।

ସମ୍ବଲପୁର ଅଞ୍ଚଳର ପ୍ରଧାନ କବି "ବାବୁ ଗଙ୍ଗାଧରମେହେର" ଉପସ୍ଥିତ ଭଦ୍ରଲୋକମାନଙ୍କୁ ଦେଖା ଦେଇଥିଲେ । ସେ ପଣ୍ଡିତ ଗୋବିନ୍ଦରଥଙ୍କ ସହିତ ଦେଖାକରି ଭକ୍ତି ପୂର୍ବକ ପ୍ରଣାମ କଲେ । ତାଙ୍କୁ କହିଲେ ଆପଣଙ୍କର "କଲିକତା ବର୍ଣ୍ଣନା" ପାଠ କରି ମୋହର କବିତା ଲେଖିବାର ସ୍ପୃହା ଜନ୍ମିଥିଲା ଆପଣ ମୋହର ଗୁରୁ । ଗଙ୍ଗାଧର ବଡ଼ଭଦ୍ରନମ୍ର ଓ ଯଶସ୍ୱୀ ଅଟନ୍ତି । ବାବୁ ରାଧାନାଥରାୟ ଏହାଙ୍କ କବିତାର ପ୍ରଶଂସା କରିଥିଲେ । ଗଙ୍ଗାଧର ନିଜରଚିତ କେତେକ ଖଣ୍ଡି ପୁସ୍ତକ ଉପହାର ଦେଇଥିଲେ । ଗଙ୍ଗାଧରଙ୍କର କେତେକ ପୁସ୍ତକ ପ୍ରକାଶ କରିବାପାଇଁ ସମ୍ବଲପୁରର ଦେଶ

ହୃଦ୍ଦେଶୀ ବାବୁ ଶ୍ରୀ ରାମନାରାୟଣ ମିଶ୍ର ଅର୍ଥ ସାହାଯ୍ୟ କରିଥିଲେ ।
ସେମାନଙ୍କର ଲିଖିତ ଲିଖିତ ପୁସ୍ତକ ମାନ ପ୍ରକାଶ କରି ଅଛନ୍ତି ॥

| | | | |
|---|---|---|---|
| | ମହିମା | ୫ | କବିତା କଲ୍ଲୋଳ |
| ୨ | ଅଯୋଧ୍ୟା ଦୃଶ୍ୟ | ୬ | ଉତ୍କଳ ଲକ୍ଷ୍ମୀ |
| ୩ | ଅହଲ୍ୟା ସ୍ତବ | ୭ | ତପସ୍ୱିନୀ |
| ୪ | ଚନ୍ଦ୍ରମଣି | ୮ | ପ୍ରଣୟବଲ୍ଲରୀ |

---

## ନାନାସମାଚାର ।

ପାରଳା ଖେମିଣ୍ଡିର ୧୦ମ ଅଧିବେଶନର ବିବରଣ ରାଜାଙ୍କ ତରଫ କର୍ମଚାରୀ ବାବୁ ନିତ୍ୟାନନ୍ଦ ପଟ୍ଟନାୟକ ବର୍ଣ୍ଣନ କଲେ । ତାହା ଚନ୍ଦ୍ରୋଦୟ ପ୍ରେସରେ ଉତ୍ତମରୂପେ ଛପା ହୋଇ ଅଛି । ଉକ୍ତ କର୍ମଚାରୀ ସେହି ଅଧିବେଶନର ଆୟ ବ୍ୟୟର ବିବରଣ ପାଠ କରିଥିଲେ ।

୨—ଅଭ୍ୟର୍ଥନା ସଭାର ସଭାପତି ବାବୁ ବାଲୁକେଶ୍ୱର ମିଶ୍ର ଯେଉଁ ବିବରଣୀ ପାଠ କଲେ ତହିଁରେ ନାନା କଥା ମଧ୍ୟରେ ସମ୍ବଲପୁରର ସବୁ ସ୍କୁଲ ଓ ବରଡ଼ା ତାଲର ପ୍ରଶଂସା ଥିଲା ।

୩—କୌଣସି କାରଣରୁ ସମ୍ବଲପୁର ଅଞ୍ଚଳର ରାଜାମାନେ ସମ୍ମିଳନୀରେ ଯୋଗ ଦେଇନାହାନ୍ତି । ପାଟଣାର ମହାରାଜ ପୃଥ୍ୱୀରାଜଙ୍କ ଦେ ସମ୍ମିଳନୀ ଫଣ୍ଡରେ ଏକସହସ୍ର ଟଙ୍କା ଦାନ କରିଥିଲେ । ତାହାଙ୍କ କର୍ମଚାରୀ ମାନଙ୍କର ଏଥିରେ ସହାନୁଭୂତି ଥିଲା । ଏ କାର୍ଯ୍ୟରେ ତାଙ୍କର ଦେଶାନୁରାଗ ପ୍ରକଟିତ ହୋଇ ଅଛି ।

୪—ସମ୍ବଲପୁର କ୍ଲବଘରେ ହେବା ନାଟକାଭିନୟ ହୋଇଥିଲା ବାବୁ ଶ୍ରୀ ଗୋଦାବରୀଶ ମିଶ୍ରଙ୍କର ପାଦେଶ୍ୱ ସାହେବ ଅଭିନୟରେ ଘନ ଘନ କରତାଳି ଓ ଉଚ୍ଚହାସ ଉଠିଥିଲା ।

୫—ସମ୍ମିଳନୀ ଯୋଗ ସମ୍ବଲେଶ୍ୱରୀଙ୍କ ମନ୍ଦିର ସଂସ୍କାର କଥା ସମ୍ବଲପୁରରେ ଉତ୍ଥାପିତ ହେଲା । ସୋନପୁର ମହାରାଜ ଏ କାର୍ଯ୍ୟ

ପାଞ୍ଚ ପନ୍ଦର ଶହ ଟଙ୍କା ଦାନ କରିଅଛନ୍ତି । ମହାରାଜଙ୍କର ଦେଶହିତ କାର୍ଯ୍ୟରେ ମତି ଗତି ସ୍ଥିର ରହୁ ।

୬—ସମ୍ବଲପୁର ନଗର ନିବାସୀ ବାବୁ ଶ୍ୟାମ ସୁନ୍ଦର ପାଠୀଙ୍କ ନିକଟରେ ସମ୍ବଲପୁରର ଖଣ୍ଡେ ହାତ ଲେଖା ଇତିହାସ ପୁସ୍ତକ ଅଛି ବୋଲି ଶୁଣା ଯାଇଅଛି ।

୭—ଓଡ଼ିଶାର ସମ୍ବାଦପତ୍ରମାନେ ସମ୍ମିଳନୀ ପକ୍ଷରେ ଭଲ ମତ ଦେଇଥିଲେ ।

୮—କେଉଁ ରାଜ୍ୟର ରାଜବଂଶରେ ଠାକୁର ସାହେବ ଉପାଧି ମଧ୍ୟ ପ୍ରଚଳିତ ଥିବାର ଶୁଣାଯାଏ ।

---

ପ୍ରତିନିଧିମାନେ ସମ୍ବଲପୁର ନଗର ଦର୍ଶନ କରିଥିଲେ ।
ଦର୍ଶନୀୟ ସ୍ଥାନ ଓ ସମ୍ୟକ ବିବରଣ

୧—ବ୍ରହ୍ମପୁରା ମନ୍ଦିର
୨—ରାମଜୀ ମନ୍ଦିର
୩—ଉତ୍କ୍ରୋଶଯ୍ୟା ଘାଟ ( ଏଠାର ବୁରୁଜ ଉପରେ ଚଢ଼ି ମହାନଦୀର ସୁନ୍ଦର ଦୃଶ୍ୟ ଦେଖାଯାଏ । ନଦୀଗର୍ଭରେ ଦେଉଳ ପରି ଅନେକ ପଥର ଅଛି । )
୪—ସୋମନାଥଙ୍କ ମନ୍ଦିର
୫—ଧର୍ମଶାଳା
୬—ପଟ୍ଟନେଶ୍ୱରୀଙ୍କ ମନ୍ଦିର
୭—ସମ୍ବଲପୁର ସାବିକ ରାଜାଙ୍କ ନଅର ଓ ଗଡ଼ଜସିନ କୋଠା
୮—[illegible] ଗୁର୍ଜ୍ଜପ୍ରାସାଦ
୯—[illegible] ଘାଟ ( ପ୍ରତିରକ୍ଷାବାନ୍ଧରେ ବସେ )
୧୦—ଗୋଶାଳା

୧୧—ସମ୍ଲେଶ୍ୱରୀଙ୍କ ମନ୍ଦିର

୧୨—କୁଶଲେଶ୍ୱରଙ୍କ ମନ୍ଦିର

୧୩—ମହାନଦୀ ପୋଲ

( ପଥର ଖୁଣ୍ଟି ଓ ଲୁହାର ତୋଲ )

୧୪—ବଡ଼ବଜାର

୧୫—ଭିକ୍ଟୋରିଆ ହଲ

୧୬—ପଲିଟିକେଲ ଏଜେଣ୍ଟଙ୍କ କଚେରି

୧୭—(କଲେଟରୀ ଅଦାଲତ ଆଦି କଚେରି ମାନ)

୧୮—ଗିର୍ଜା

୧୯—ଗୋରା ଲୋକଙ୍କ କୋଠିମାନ

୨୦—ପର୍ବତ ଉପରେ ସର୍କେଟ ହାଉସ

୨୧—ରାମସାଗର ( ସ୍ନାନନିଷେଧ )

୨୨—ଜଗ ( ଏହା ଅତି ଗମ୍ଭୀର ଅଟେ )

୨୩—ସହର ମଧ୍ୟରେ ଅନେକ ଦେବାଳୟ ଓ ସୁଦୃଶ୍ୟ ପଥରକୋଠା-
ମାନ ଅଛି ।

୨୪—ବାସନ ଦୋକାନ

୨୫—ନନ୍ଦପଡ଼ା

ଏ ନଗରରେ ବହୁତ ବ୍ରାହ୍ମଣ ଅଛନ୍ତି ।
ମିଉନିସିପାଲିଟୀ ତରଫରୁ ଦୈନିକ ହାଟ ବସନ୍ତା ଅଛି । ଯେଉଁମାନେ ସହର ଭିତରକୁ କୌଣସି ପଦାର୍ଥ ବିକ୍ରୟ କରିବାକୁ ଆଣନ୍ତି ତାଙ୍କଠାରୁ ମାସୁଲ ନିଆଯାଏ । ମହାନଦୀରେ ଯେଉଁ ପୋଲ ହୋଇଅଛି ତହିଁରେ ଦୈନିକ କର ପ୍ରାୟ ଟ ୨୦୦ ଙ୍କା ଆଦାୟ ହୁଏ ବୋଲି ଶୁଣାଯାଏ । ସାବିକ ରାଜ ନବର ଏବେ ସୋନପୁର ମହାରାଜାଙ୍କ ହାତରେ ଅଛି ।

୫

ବେଦବ୍ୟାସଙ୍କ ଆଶ୍ରମ ।

ପ୍ରଭନଶ୍ୱିଙ୍କ ମଧ୍ୟରେ କେହି ୨ ଏହି ଆଶ୍ରମ ଦେଖିଥିଲେ । ପାନ୍-ପୋଷ୍ଟ ରେଲଷ୍ଟେସନ ନିକଟରେ ପାନପୋଷ ବଜାର; ଏହି ବଜାରରେ ବହୁତ କାରବାର ହୁଏ । ମାରଓ୍ୱାଡ଼ୀମାନେ ଦୋକାନ କରିଅଛନ୍ତି । ଗୋରା ଲୋକେ ଏଠାରେ ରହି ସିଲପନ୍ଥ ସଗ୍ରହ କରୁଅଛନ୍ତି । ଡାକଘର; ଡାକ୍ତରଖାନା; ଥାନାଘର; ସ୍କୁଲ ଆଉ କେତେକ କାର୍ଯ୍ୟାଳୟ ଅଛି । ନାଗରାଗଜ୍ୟମଧ୍ୟରେ ବ୍ରାହ୍ମଣୀନଦୀତୀରରେ ଏହି ବଜାର ଅବସ୍ଥିତ । ନଦୀର ଅପର ପାରରେ ଏକ ପର୍ବତ ଉପରେ ବେଦବ୍ୟାସ ଆଶ୍ରମ । ଏ ସ୍ଥାନଟି ବଡ଼ ରମଣୀୟ, ଏହାର ନିକଟରେ ଶଙ୍ଖ; କୋଇଲି; ଓ ସରସ୍ୱତୀ ନାମକ ତିନିନଦୀ ଏକତ୍ର ମିଶି ଅଛନ୍ତି । ଏହି ମିଳନ ସ୍ଥାନଠାରୁ ନଦୀ ପ୍ରସାର ହୋଇ ବ୍ରାହ୍ମଣୀ ନାମ ଧାରଣ କରି ପୂର୍ବଦିଗକୁ ଗଲି ଅଛି । ଆଶ୍ରମ ନିକଟରେ ନଦୀରେ ପୋଲ ବନ୍ଧା ହୋଇ ରେଲ ଗାଡ ଚଲୁଅଛି । ଏଠାରେ କେତେ ଗୁଡଏ ଦେଉଳ ଅଛି । ତନ୍ମଧ୍ୟରେ ବାଲୁକେଶ୍ୱର ମନ୍ଦିର ଚନ୍ଦ୍ରଶେଖରଙ୍କ ମନ୍ଦିର ଏବଂ ରାମଜୀ ମନ୍ଦିର ପ୍ରସିଦ୍ଧ । ରାମ ଲକ୍ଷ୍ମଣ ସୀତା ହନୋଷ୍ଟମୂର୍ତ୍ତି ଅଟେ ସାନ ୨ ଜୀବନ୍ତ ପିଲାଙ୍କପରି ଦିଶୁଅଛନ୍ତି । ଗୋଟିଏ ପଥର ଗୁମ୍ଫାରେ ବେଦବ୍ୟାସ ଉପବେଶନ କରି ତପସ୍ୟା କରୁଅଛନ୍ତି । କେତେ ଗୁଡ଼ଏ ବୈଷ୍ଣବଙ୍କ ମଠ ଅଛି, ଯାତ୍ରୀଙ୍କପାଇଁ ଗୋଟିଏ ଧର୍ମଶାଳା ଅଛି । ମାଘମାସରେ ପନ୍ଦରଦିନ ପର୍ଯ୍ୟନ୍ତ ବିଶେଷ ଯାତ୍ରା ହୁଏ ? ବହୁତ କାରବାର ହୁଏ । ନାଗରାଗଜାର ପୂର୍ବ ଦେୱାନ ରାଜା କରାନ୍ନ ନଦୀତୀରରେ ପଥର ବାନ୍ଧ ଓ ବୁରୁଜ, ପଥର ସୋପାନ କରାଇ ଦେବାରୁ ସ୍ଥାନଟି ସୁଦୃଢ଼ ହୋଇ ଅଛି । ଶଙ୍ଖ ଓ କୋଇଲି ନଦୀର ମଧ୍ୟସ୍ଥଳରୁ ନାଗରାଗଡ଼ [illegible] ସଡ଼କ ଅଛି ଏଠାରୁ ଗଡ଼ ଦେଢ଼ କୋଶ ପଥ [illegible] ।

—୦*୦—

# ବିଜ୍ଞାପନ ।

ଗର୍ଭିଣୀମର୍ମକର୍ମବିପାକ ଟ ୧ ।
ଶ୍ରୀକୃଷ୍ଣଲୀଳା ଟ ୧ ।
ରଘୁରାମାୟଣମଞ୍ଜରୀ ଟ ୧ ୮
ଶ୍ରୀ ରଙ୍ଗାଧର (ଟୀକାଗ୍ରନ୍ଥ) ଟ ୧ ୮
ଦାଣ୍ଡିରାମାୟଣ (ଅଦ୍ଧକାଣ୍ଡ) ଟ ୧ ୮
ଏକଳ ଅଯୋଧ୍ୟାକାଣ୍ଡ ଟ ୦ ୪
ଏକଳ ଆରଣ୍ୟକାଣ୍ଡ ଟ ୦ ।୵
ଏକଳ କିଷ୍କିନ୍ଧ୍ୟାକାଣ୍ଡ ଟ ୦ ୪
ଏକଳ ସୁନ୍ଦରକାଣ୍ଡ ଟ ୦ ୪୵
ଏକଳ ଲଙ୍କାକାଣ୍ଡ ଟ ୧ ୪
ଏକଳ ଉତ୍ତରାକାଣ୍ଡ ଟ ୧ ୮
ସୁଭାଷିତସାରସଂଗ୍ରହଃ ଟ ୦ ୱ
ଲୀଳାବ୍ରତମହୋଦଧି ଟ ୧ ୮
ବୃହନ୍ନାରଦୀୟଗୀତା ଟ ୦ ୱ
ଭକ୍ତମାଳସମୁଚ୍ଚୟ ଟ ୦ ୱ
ଚମତ୍କାରସାର ଟ ୦ ୱ
ଭାଗବତପୁରାଣ ଟ ୦ ୪୵
ମାଧବକାଅନୁବାଦ ଟ ୦ ୪୵
କାଳାଗ୍ନିରୁଦ୍ର (ଏକାଦଶମନ୍ତ୍ର) ଟ ୦ ୪୵
ଧର୍ମୋପଦେଶ ଟ ୦ ୪୵
ବେଦାନ୍ତସାରସଂଗ୍ରହ ଟ ୦ ୪
ଚନ୍ଦ୍ରିକା ୦ ୪

ସଟୀକବିଷ୍ଣୁସହସ୍ରନାମ ଟ ୦ ୪
ସପ୍ତଶତୀ ମହୋଦଧି ଟ ୦ ୪
ଏକାମ୍ରପୁରାଣ ଟ ୦ ୪
ଦୁର୍ଗୋତ୍ସବଚନ୍ଦ୍ରିକା ଟ ୦ ୪
ଏକାଦଶୀମାହାତ୍ମ୍ୟ ଟ ୦ ୪
ଯଜୁର୍ବେଦ (ଷୋଡ଼ଶକାଣ୍ଡ) ଟ ୦ ୪
ରାମକୃଷ୍ଣକେଳିକଲ୍ଲୋଳ ଟ ୦ ୪
ପ୍ରାଚୀମାହାତ୍ମ୍ୟ ଟ ୦ ୪
ସୁଲୋଚନାପରିଣୟ ଟ ୦ ୪
ସର୍ବାଙ୍ଗସୁନ୍ଦରୀ ଟ ୦ ।୵
ପ୍ରାୟଶ୍ଚିତ୍ତ ରତ୍ନାକର ଟ ୦ ।୵
ପ୍ରେତକୃତ୍ୟପଦ୍ଧତି ଟ ୦ ।୵
ଗୁପ୍ତଭାଗବତ ଟ ୦ ।୵
ବୈଦ୍ୟକଅଭିଧାନ ଟ ୦ ।୵
ଭାବସମୁଦ୍ର (ସ୍ୱ[illegible]) ୦ ।୵
ସ୍ୱାସ୍ଥ୍ୟତତ୍ତ୍ୱ ୦ ।୵
କୈବର୍ତ୍ତଗୀତା ଟ ୦ ।୵
କନକଲତା ଟ ୦ ।୵
ମନ୍ଦନାଟକ (ଶ୍ଳୋକ) ୦ ।୵
କରତାଳ [illegible]
ଏକାଦଶସ୍କନ୍ଧ ଟୀକା [illegible]
[illegible]

[illegible] ବେକ୍ମୟୁଦ୍ଧ ଟ ୦ ।
[illegible] ବେଷ୍ଟ ଟ ୦ ।
ଗୋବିନ୍ଦଚନ୍ଦ୍ର ଟ ୦ ।
[illegible]ଙ୍ଗବାଳିକା ଟ ୦ ।
ଚନ୍ଦ୍ରକଳା ଟ ୦ ।
ଦ୍ରୌପଦୀଚନ୍ଦ୍ରୋଦୟ ଟ ୦ ।
ସଙ୍ଗୀତକଳ୍ପଦ୍ରୁମ ଟ ୦ ।
ସଙ୍ଗୀତମାଧବ ଟ ୦ ।
ସଙ୍ଗୀତସୁଧାନିଧି ଟ ୦ ।
ଠଣ୍ଠଣକୁଅଁ ଟ ୦ ।
ତ୍ରୟୋଦଶସ୍ତବ ଟ ୦ ।
ଦଶବୋଲ ଟ ୦ ।
ମୟୂରଚନ୍ଦ ଟ ୦ ।
ନାମରତ୍ନଗୀତା (ସାନ) ଟ ୦ ।
ଅଷ୍ଟକମଣିମଞ୍ଜୁଷା ଟ ୦ ।
ଶ୍ରୀରାମାୟଣ (ବଡ଼) ଟ ୦ ।
ଯଜୁର୍ବେଦ (ଏକାଦଶକାଣ୍ଡ) ଟ ୦ ।
ମହାମେଳାଦର୍ଶନ ଟ ୦ ।
ରତ୍ନପେଟିକା ଟ ୦ ।
ଲୀଳାବତୀ ଟ [illegible] ।
ସିଦ୍ଧଲୀଳାମୃତ [illegible] ୦ ।
ରୁକ୍ମିଣୀବିଳାସ [illegible] ୦ ।

[illegible] ଉଦେ[illegible]
ପ୍ରସ୍ତାବ ଝାରୁ [illegible]
ଲେଖିଥିବେ

ପ୍ରାକୃତଦର୍ପଣ ଟ ୦ ।
ବୈଦ୍ୟଜୀବନ ଟ ୦ ।
ଚନ୍ଦ୍ରିନାରାୟଣମାହାତ୍ମ୍ୟ ଟ ୦ ।
କାଳିଦାସକଥାରହସ୍ୟ ଟ ୦ ୷
ଯମପୁରାଣ ଟ ୦ ୷
ପୁରୁଷୋତ୍ତମମାହାତ୍ମ୍ୟ ଟ ୦ ୷
କବିଦର୍ପମୁଖମଣ୍ଡନ ଟ ୦ ୷
ରୁକ୍ମିଣୀବିବାହ ଟ ୦ ୷
ଶୋଭାବତୀ ଟ ୦ ୷
ସପ୍ତାଙ୍ଗଯୋଗଧାରଣା ଟ ୦ ୷
ଅଣାକାରସଂହିତା ଟ ୦ ୵୬
ଉତ୍କଳଦୀପିକା ଟ ୦ ୵୬
କୃଷ୍ଣଦାସଙ୍କବୋଲ ଟ ୦ ୵୬
ଦ୍ରୌପଦୀଶାଭୂଷଣ ୧ମ ଟ ୦ ୵୬
ଜଣାଣମାଳିକା ଟ ୦ ୵୬
ନଳଚରିତ୍ର ଟ ୦ ୵୬
ଦେଉଳତୋଳା ଟ ୦ ୵୬
ପ୍ରବୋଧଚନ୍ଦ୍ରିକା ଟ ୦ ୵୬
ଭୂଗୋଲସାର ଟ ୦ ୵୬
ମେଦିନୀଚରିତ୍ରଖଣ୍ଡ ଓ ବଟଅବକାଶ ଟ ୦ ୵୬
ସମର ତରଙ୍ଗ (ଢେଙ୍କାନାଳ ଯୁଦ୍ଧକଥା) ଟ ୦ ୵୬

ଶ୍ରୀ ଗୋବିନ୍ଦ ରଥ ।
ବାଲୁବଜାର, କଟକ ।



( ସମ୍ରାଟ—ପଞ୍ଚମଜର୍ଜ୍ଜ । )